# NATIONAL NEWS BULLETIN (ODIA)
## 22 July - 2026
## Evening Bulletin : 7.15 p.m.

**************************************

## ମୁଖ୍ୟ ସମ୍ବାଦ

- ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ଦିନକ ପାଇଁ ମୁଲତବୀ ରହିଲା ସଂସଦର ଉଭୟ ସଦନ ।

– ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଆଲୋଚନା ପାଇଁ ସରକାର ଅଧିବେଶନର ପ୍ରଥମ ଦିନରୁ ପ୍ରସ୍ତୁତ ଅଛନ୍ତି, କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।

- ବିଚାର ବିଭାଗୀୟ ଅଧିକାରୀଙ୍କ ଅବସର ବୟସସୀମା ୬୧ ବର୍ଷକୁ ବୃଦ୍ଧି କରିବା ନେଇ ବିଚାର କରିବାକୁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ୍ ।

- ଆସାମରେ ୧୬ଟି ଜିଲ୍ଲା ବନ୍ୟା ପ୍ରଭାବିତ; ମୃତ୍ୟୁ ସଂଖ୍ୟା ୩୧କୁ ବୃଦ୍ଧି ।

ଏବଂ

- ଆତ୍ମନିର୍ଭର ଭାରତ ମିଶନ୍ ଅଧୀନରେ ନୌସେନାରେ ସାମିଲ ହେଲା ଯୁଦ୍ଧ ପୋତ ଆଇ.ଏନ୍.ଏସ୍. ମାଲଭାନ୍ ।

## ଏଲ୍ଏସ୍ ଆର୍ଏସ୍-ଆଡଜର୍ଣ୍ଣ

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା ଏବଂ ଦିଲ୍ଲୀ ପ୍ରତିବାଦ ସମାବେଶ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧିଙ୍କ ହଟ୍ଟଗୋଳ ଯୋଗୁଁ ସଂସଦକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି । ଦ୍ୱିତୀୟଥର ମୁଲତବୀ ଘୋଷଣା ପରେ ଅପରାହ୍ଣ ୨ଟାରେ ଲୋକସଭା ପୁନଃ ଆରମ୍ଭ ହେବା କ୍ଷଣି ଏହି ପ୍ରସଙ୍ଗଗୁଡ଼ିକୁ ନେଇ ବିରୋଧି ଦଳ ସଦସ୍ୟ ସ୍ଲୋଗାନ୍ ଦେବା ଆରମ୍ଭ କରିଥିଲେ । ହଟ୍ଟଗୋଳ ମଧ୍ୟରେ ତୃଣମୂଳ କଂଗ୍ରେସ ସଦସ୍ୟ କଲ୍ୟାଣ ବାନାର୍ଜୀଙ୍କୁ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବନ କରିବା ନେଇ ଏକ ପ୍ରସ୍ତାବ ଗୃହିତ ହୋଇଥିଲା । ମହିଳା ସାଂସଦଙ୍କୁ ଲକ୍ଷ୍ୟ କରି ଆପତ୍ତିଜନକ ଏବଂ ଅଣ-ସଂସଦୀୟ ମନ୍ତବ୍ୟ ପ୍ରଦାନ କରିଥିବାରୁ କଲ୍ୟାଣ ବାନାର୍ଜୀଙ୍କ ବିରୁଦ୍ଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଆଗତ କରିଥିବା ଏହି ପ୍ରସ୍ତାବ ଧ୍ୱନି ଭୋଟ୍‌ରେ ଗୃହିତ ହୋଇଥିଲା । ତେବେ ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା କୃଷ୍ଣ

ପ୍ରସାଦ ଟେନେଟି ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ । ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବିରୋଧିଙ୍କ ହଟ୍ଟଗୋଳ ଯୋଗୁଁ ପ୍ରଥମେ ମଧ୍ୟାହ୍ନ ୧୨ଟା ଏବଂ ପରେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ନୂତନ ସର୍ତ୍ତାବଳୀ ଉପସ୍ଥାପନ ତଥା ପ୍ରସଙ୍ଗ ମାଧ୍ୟମରେ ଆଲୋଚନାକୁ କଂଗ୍ରେସ ଏଡ଼ାଇବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଥିଲେ । ଏଭଳି କାର୍ଯ୍ୟ ଗଠନ ମୂଳକ ବିତର୍କ ପାଇଁ ପ୍ରତିବନ୍ଧକ ସୃଷ୍ଟି କରେ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ନେଇ ୨ ଥରରେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା । ଏହା ପରେ ଗୃହର ବୈଠକ ପୁନଃ ଆରମ୍ଭ କ୍ଷଣି ବିରୋଧି ସଦସ୍ୟଙ୍କ ପକ୍ଷରୁ ସ୍ଲୋଗାନ୍‌ବାଜି ଆରମ୍ଭ ହୋଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ସରକାର ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣା ନେଇ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ।

**VO-1-KIREN-RIJIJU-(L.S)**

ଗୃହର ନେତା ଜେ.ପି. ନଡ୍ଡା ବିରୋଧିଙ୍କ ଆଚରଣକୁ ଅତ୍ୟନ୍ତ ଦାୟିତ୍ୱହୀନ ଏବଂ ଅଗଣତାନ୍ତ୍ରିକ ବୋଲି ସମାଲୋଚନା କରିଥିଲେ ।

ବିରୋଧି ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ଆରମ୍ଭ ହେବା ପରେ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ସିକ୍କିମ୍‌ର ଏନ୍.ଏଚ୍.ପି.ସି. ତିସ୍ତା ଷଷ୍ଠ ପର୍ଯ୍ୟାୟ ଜଳବିଦ୍ୟୁତ୍ ପ୍ରକଳ୍ପର ନିର୍ମାଣାଧିନ ସୁଡ଼ଙ୍ଗରେ ଦୁର୍ଘଟଣା ଜନିତ ଶ୍ରମିକଙ୍କ ପ୍ରାଣହାନୀ ନେଇ ଦୁଃଖ ପ୍ରକାଶ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗୃହ ତରଫରୁ ସେ ସମବେଦନା ଜ୍ଞାପନ କରିଥିଲେ । ପ୍ରାଣହରାଇଥିବା ଲୋକଙ୍କ ପ୍ରତି ସମ୍ମାନ ଜଣାଇ ଗୃହରେ କିଛି ସମୟ ନିରବତା ଅବଲମ୍ବନ କରାଯାଇଥିଲା ।

# ପ୍ରେଜ୍-ମାସିଡୋନିଆ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉତ୍ତର ମାସିଡୋନିଆର ସ୍କୋପ୍‌ଜେ ସହରରେ ମହାତ୍ମା ଗାନ୍ଧିଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ସ୍କୋପ୍‌ଜେ ସହର ସ୍ଥିତ ସଂଗ୍ରହାଳୟରେ ଏହି ପ୍ରତିମୂର୍ତ୍ତିଟି ରହିଛି । ସେଠାରେ ଏକ ସମାବେଶକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ମହାତ୍ମା ଗାନ୍ଧି ଯଦିଓ ଭାରତବାସୀ ଥିଲେ କିନ୍ତୁ ତାଙ୍କର ସତ୍ୟ ଏବଂ ଅହିଂସାର ବାର୍ତ୍ତା ସମଗ୍ର ମାନବଜାତିକୁ ମାର୍ଗଦର୍ଶନ କରୁଛି ।

ସଂଘର୍ଷ, ଅସହିଷ୍ଣୁତା ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ସାମ୍ପ୍ରତିକ ବିଶ୍ୱ ସ୍ଥିତିରେ ଗାନ୍ଧିଜୀଙ୍କ ପ୍ରଦର୍ଶିତ କରୁଣା,

ଆଲୋଚନା ଏବଂ ଶାନ୍ତିପୂର୍ଣ୍ଣ ସହବସ୍ଥାନର ଆଦର୍ଶ ଅତ୍ୟନ୍ତ ପ୍ରାସଙ୍ଗିକ ମନେ ହୁଏ ବୋଲି ରାଷ୍ଟ୍ରପତି କହିଛନ୍ତି । ସୂଚନା ଯୋଗ୍ୟ ଉତ୍ତର ମାସିଡୋନିଆକୁ ରାଷ୍ଟ୍ରପତି ମୁର୍ମୁ ଏବେ ସରକାରୀ ଗସ୍ତରେ ଅଛନ୍ତି ।

## ଏସ୍‌ସି-ସୁପର ଆନ୍ୱେସନ୍

ବିଚାର ବିଭାଗୀୟ ଅଧିକାରୀଙ୍କ ଅବସର ବୟସସୀମା ୬୦ରୁ ୬୧ ବର୍ଷକୁ ବୃଦ୍ଧି କରିବା ନେଇ ବିଚାର କରିବାକୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ସୁପ୍ରିମ୍‌କୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ ବାଗ୍‌ଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଦେଶ ବ୍ୟାପି ଜିଲ୍ଲା ନ୍ୟାୟିକ ଅଧିକାରୀଙ୍କ ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବା ନେଇ ଏହି ଆବେଦନରେ ପ୍ରାର୍ଥନା କରାଯାଇଛି । ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସମ୍ପୃକ୍ତ ହାଇକୋର୍ଟ୍ ସହ ପରାମର୍ଶ କରି ଏହି ପ୍ରସଙ୍ଗରେ ନିଷ୍ପତ୍ତି ଗ୍ରହଣ କରିବାକୁ ସୁପ୍ରିମ୍‌କୋର୍ଟ୍ କହିଛନ୍ତି ।

ସୂଚନା ଯୋଗ୍ୟ ସୁପ୍ରିମ୍‌କୋର୍ଟ୍ ବିଚାରପତିଙ୍କ ଅବସର ବୟସ ସୀମା ୬୫ ବର୍ଷ ହୋଇଥିବା ବେଳେ ହାଇକୋର୍ଟ୍ ବିଚାରପତିଙ୍କ ପାଇଁ ୬୨ ବର୍ଷ ରହିଛି ।

## ଆସାମ୍ ଫ୍ଲଡ୍

ଆସାମରେ ବର୍ଷା ଜନିତ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ୧୬ଟି ଜିଲ୍ଲା ବନ୍ୟା ପ୍ରଭାବିତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩୧କୁ ବୃଦ୍ଧି ପାଇଛି । ସରକାରୀ ତଥ୍ୟ ଅନୁଯାୟୀ ୮୭୨ଟି ଗ୍ରାମ ଜଳମଗ୍ନ ହୋଇଛି । ୫ଲକ୍ଷ ୬୪ ହଜାରରୁ ଅଧିକ ଲୋକ ଏହି ବର୍ଷା ଜନିତ ବନ୍ୟା ଫଳରେ ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୭୧ଟି ରିଲିଫ୍ ଶିବିର ଏବଂ ୨୦୨ଟି ରିଲିଫ୍ ବଣ୍ଟନ କେନ୍ଦ୍ର କାର୍ଯ୍ୟ କରୁଛି । ୧୨ ହଜାରରୁ ଅଧିକ ଲୋକ ଆଶ୍ରୟ ସ୍ଥଳୀଗୁଡ଼ିକରେ ରହୁଥିବା ବେଳେ ୧ ଲକ୍ଷରୁ ଅଧିକ ବନ୍ୟା ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯାଇଛି ବୋଲି ରାଜ୍ୟ ପ୍ରଶାସନ ସୂଚନା ଦେଇଛି ।

## ସିକ୍କିମ୍-ଟନେଲ୍ ବଡିଜ୍

ସିକ୍କିମ୍‌ର ନାମ୍‌ଚି ଜିଲ୍ଲା ଅନ୍ତର୍ଗତ ସମରଡୁଙ୍ଗ ସୁଡ଼ଙ୍ଗ ମଧ୍ୟରୁ ଆଜି ଆହୁରି ୮ଟି ମୃତ ଦେହ ଠାବ କରାଯାଇଛି । ଏଥିସହ ଏହି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ସୁଡ଼ଙ୍ଗ ମଧ୍ୟରେ ଆହ୍ୱାନପୂର୍ଣ୍ଣ ପରିସ୍ଥିତି ଯୋଗୁଁ ମୃତ ଦେହଗୁଡ଼ିକୁ ଉଦ୍ଧାର କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ସ୍ଥାନୀୟ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ସ୍ୱଳ୍ପ ଆଲୋକ ଏବଂ ମିଥେନ ଗ୍ୟାସ୍‌ର ଲିକେଜ୍ ଯୋଗୁଁ ଉଦ୍ଧାର କାର୍ଯ୍ୟ କଷ୍ଟକର ହେଉଛି । ଉଦ୍ଧାର କାର୍ଯ୍ୟରେ ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍., ସିକ୍କିମ୍ ପୁଲିସ୍ ଓ ଖଣି ବିଶେଷଜ୍ଞ ସାମିଲ ଅଛନ୍ତି । ସୁଡ଼ଙ୍ଗରୁ ଆଜି ପାଣି ବାହାର କରାଯାଇଛି । ପ୍ରାଥମିକ ରିପୋର୍ଟ୍ ଅନୁଯାୟୀ ସୁଡ଼ଙ୍ଗ ମଧ୍ୟରେ ୨୫ ଜଣ ଲୋକ ଅଟକି ରହିଥିଲେ । ରାଜ୍ୟ ସରକାର ଏବଂ ଜାତୀୟ ଜଳବିଦ୍ୟୁତ୍ ନିଗମର ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି ।

## ଏଲ୍ଏସ୍-ରେଲୱେ ସେଫ୍ଟି

ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପଯୋଗ ଭିତ୍ତିଭୂମି ଉନ୍ନତି ମାଧ୍ୟମରେ ରେଳ ସୁରକ୍ଷା କ୍ଷେତ୍ରକୁ ଅଧିକ ସଶକ୍ତ କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ

ଶ୍ରୀ ବୈଷ୍ଣବ କହିଛନ୍ତି, ରେଳବାଇ ସୁରକ୍ଷା କ୍ଷେତ୍ରରେ ଗତ ୨୦୧୩-୧୪ ଆର୍ଥିକ ବର୍ଷରେ ୩୯ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ ୧ ଲକ୍ଷ ୨୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ରେଳ ଡ୍ରାଇଭରଙ୍କ ସତର୍କତାକୁ ଅଧିକ ଉନ୍ନତ କରିବା ଲକ୍ଷ୍ୟ ନେଇ ସ୍ୱତନ୍ତ୍ର ସତର୍କତା ମୂଳକ ନିୟନ୍ତ୍ରଣ ଉପକରଣ ବ୍ୟବହାର କରାଯାଉଛି ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି । ଦେଶର ପ୍ରାୟ ୨ ହଜାର ୫୦୦ କିଲୋମିଟରରୁ ଅଧିକ ରେଳପଥରେ ଚତୁର୍ଥ ପର୍ଯ୍ୟାୟ କବଚ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଛି । ସେଥିମଧ୍ୟରେ ଦିଲ୍ଲୀ-ମୁମ୍ବାଇ ଏବଂ ଦିଲ୍ଲୀ-ହାଓଡ଼ା ରେଳପଥ ମଧ୍ୟ ଅନ୍ତର୍ଭୁକ୍ତ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ୧୩୫ଟି ଟ୍ରେନ୍ ଦୁର୍ଘଟଣା ଘଟିଥିବା ବେଳେ ଚଳିତ ବର୍ଷ ଜୁନ୍ ସୁଦ୍ଧା ମାତ୍ର ୨ଟି ଦୁର୍ଘଟଣା ଘଟିଥିବା ନେଇ ଶ୍ରୀ ବୈଷ୍ଣବ ଗୃହରେ ସୂଚନା ଦେଇଛନ୍ତି ।

## କର୍ଣ୍ଣାଟକ-ଆଇଏନ୍ଏସ୍

ଆତ୍ମନିର୍ଭର ଭାରତ ମିଶନ୍ ଅଧୀନରେ ପ୍ରସ୍ତୁତ ଦେଶର ଦ୍ୱିତୀୟ ମାହେ ଶ୍ରେଣୀର ଆଣ୍ଟି ସବ୍‌ମେରିନ୍ ଯୁଦ୍ଧ ପୋତ ଆଇ.ଏନ୍.ଏସ୍. ମାଲଭାନ୍ ନୌସେନାରେ ସାମିଲ ହୋଇଛି । କର୍ଣ୍ଣାଟକର କାରୱାର୍ ଠାରେ ଏହି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାହାଜ ଦେଶର ପ୍ରତିରକ୍ଷା

କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି । ବାୟୁସେନା ମୁଖ୍ୟ ଏୟାର୍ ଚିଫ୍ ମାର୍ସାଲ୍ ଏ.ପି. ସିଂହ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମନିର୍ଭରଶୀଳତା ପ୍ରତି ନୌସେନାର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି ଯୁଦ୍ଧପୋତ ଦେଶର ଉପକୂଳରେ ସାମୁଦ୍ରିକ ସୁରକ୍ଷା କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । କୋଚିନ୍ ସିପ୍‌ୟାର୍ଡ଼ ଠାରେ ନିର୍ମିତ ଏହି ଜାହାଜରେ ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପକରଣ ବ୍ୟବହାର କରାଯାଇଛି ।

## ଏଚ୍‌ସି-ଦିଲ୍ଲୀ ପ୍ରୋଟେଷ୍ଟ

ସଂସଦ ଅଭିମୁଖେ ଗତ ସୋମବାର ଶୋଭାଯାତ୍ରା ଅବସରରେ ପ୍ରଦର୍ଶନକାରୀଙ୍କ ଉପରେ ଅତ୍ୟଧିକ ବଳପ୍ରୟୋଗ ନେଇ ଆଗତ ଏକ ମାମଲାର ପ୍ରାଥମିକ ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ୍ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ଡି.କେ. ଉପାଧ୍ୟାୟ ଏବଂ ଜଷ୍ଟିସ୍ ତେଜସ୍ କାରିଆଙ୍କ ଖଣ୍ଡପୀଠ ଏହି ମାମଲାର ବିଚାର କରି କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସ୍‌କୁ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିସିଟିଭି ତଥ୍ୟ ତଥା ଭିଡ଼ିଓ ଗ୍ରାଫି ଆଧାରରେ ମାତ୍ରାଧିକ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଅଭିଯୋଗ ନେଇ ଏହି

ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ମାସ ୧୧କୁ ଧାର୍ଯ୍ୟ ହୋଇଛି ।

ଅନ୍ୟ ପକ୍ଷରେ ସାମାଜିକ ଗଣମାଧ୍ୟମ ପୋଷ୍ଟ ଉପରେ ଆଧାରିତ ଏଭଳି ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ପ୍ରାଥମିକ ଶୁଣାଣି ବେଳେ ଅତିରିକ୍ତ ସଲିସିଟର ଜେନେରାଲ୍ ଏସ୍.ଭି. ରାଜୁ ଚୁକ୍ତି ଉପସ୍ଥାପନ କରିଥିଲେ ।

# ମୁରୁଗାନ୍-ଓଟିଟି

ଦୁଇ ବର୍ଷ ମଧ୍ୟରେ ଦେଶରେ ୫୦ଟି ଓ.ଟି.ଟି. ପ୍ଲାଟ୍‌ଫର୍ମକୁ ସରକାର ବନ୍ଦ କରିଦେଇଛନ୍ତି । ଅଶ୍ଳୀଳ ବିଷୟବସ୍ତୁ ପ୍ରଦର୍ଶନ ଅଭିଯୋଗ ନେଇ ସେହି ପ୍ଲାଟ୍‌ଫର୍ମଗୁଡ଼ିକ ବିରୁଦ୍ଧରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ନିୟମିତ ଭାବେ ଯାଞ୍ଚ କରି ସରକାର ଏଭଳି ଓ.ଟି.ଟି. ପ୍ଲାଟ୍‌ଫର୍ମଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି ବୋଲି କହିଛନ୍ତି । ସୂଚନା ଓ ପ୍ରଯୁକ୍ତିବିଦ୍ୟା ନିୟମାବଳୀ ୨୦୨୧ ଅଧୀନରେ ଡିଜିଟାଲ୍ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଏବଂ ଅନ୍‌ଲାଇନ୍ ପ୍ରସଙ୍ଗ ପ୍ରସ୍ତୁତିକର୍ତ୍ତାଙ୍କ ପାଇଁ ସ୍ୱତନ୍ତ୍ର

ନୀତିନିୟମ ପ୍ରଣୟନ କରାଯାଇଛି ବୋଲି ମନ୍ତ୍ରୀ ଡକ୍ଟର ମୁରୁଗାନ ଗୃହକୁ ସୂଚନା ଦେଇଛନ୍ତି ।